ମୌନିବାବାଙ୍କଦ୍ୱାରା ରଚିତ

# ବାଘାଧନ

|ମୌନିବାବାଙ୍କଦ୍ୱାରା ରଚିତ

# ବାୟାଧନ

ବଡ ଭୀଷଣ ଏ ଜଗତ ବାଟ,
ରାକ୍ଷସ ପିଶାଚ କରନ୍ତି ନାଟ |
ବାୟାଧନଟି, ଜଗି ରଖି ବାଟ ଚାଲୁଥିବୁଟି ||
ବାୟାଧନଟି ||୧||

କାମ କ୍ରୋଧ ଲୋଭ ମଦ ମାତ୍ସର୍ଯ୍ୟ,
ମିଳିମିଶି ଏଠି କରନ୍ତି ରାଜ୍ୟ |
ବାୟାଧନଟି, ତାଙ୍କ ରାଇଜକୁ ଯିବୁ ନାହିଁଟି |
ବାୟାଧନଟି ||୨||

ତାଙ୍କ ରାଜ୍ୟ ବାଟ ବଡ କାଦୁଆ,
ନହୁଅ କାଦୁଅ ବଣ ନାଟୁଆ |
ବାୟାଧନଟି, ଥିରି ଚାଲ ଗୋଡ ଖସିଯିବଟି ||
ବାୟାଧନଟି ||୩||

ପାଠ ପଢୁଥିବୁ ମନ ଲଗାଇ,
ପିଲାବେଳ ଆଉ ମିଳିବ ନାହିଁ |
ବାୟାଧନଟି, ଧର୍ମ ଅର୍ଥ କାମ ମୋକ୍ଷ ସେହିଟି ||
ବାୟାଧନଟି ||୪||

କୁସୁମ ପରଷେ ପଟ ନିସ୍ତରେ,
ତରିଯିବୁ ଭବ ଜ୍ଞାନର ବଳେ |
ବାୟାଧନଟି, ଅପଡେଙ୍ଗୁରିଆ ହେବୁ ନାହିଁଟି||
ବାୟାଧନଟି ||୫||

ମଥା ଟେକି ବାଟ ଚାଲ ନାହିଁଟି,
ଖାଲ ଢିପେ ଗୋଡ ପଡିଯିବଟି |
ବାୟାଧନଟି, ଗରିବର ଚିହ୍ନମାନ ଏହିଟି||
ବାୟାଧନଟି ||୬||

ଫଳ ହେଲା ଗଛ ଲଇଁ ଯାଏଟି,
ମନେରଖ ଏହା ଗୁରୁ ତୋରଟି |
ବାୟାଧନଟି, ଜ୍ଞାନୀ ବୋଲି ଢମ ନକରିବୁଟି||
ବାୟାଧନଟି ||୭||

ବୁଡି ଚାଲୁଥିବୁ ଗଭୀର ଜଳେ,
ଫରଫର ହେବୁ ନାହିଁଟି ବଳେ |
ବାୟାଧନଟି, ବନଶିରେ ଧରା ପଡିଯିବୁଟି||
ବାୟାଧନଟି ||୮||

ଯେତିକି ଚୂନାକୁ ତେତିକି ପିଠା,
କରି ଜାଣିଲେ ତା ଲାଗିବ ମିଠା |
ବାୟାଧନଟି, ବେଶି ମନ କଲେ ମୂଳ ଯିବଟି ||
ବାୟାଧନଟି ||୯||

ହାତରେ ନଥିଲେ କଡାଏ ଧନ,
ପୁଅ ବାହାଘର ନକର ମନ |
ବାୟାଧନଟି, ଫକଡ ହୋଇବୁ ପଛେ ତୁହିଟି||
ବାୟାଧନଟି ||୧୦||

ପିତାମତା ବୋଲି ମାନିଥିବୁଟି,
ତାଙ୍କ ଲାଗି ତୋର ଜୀବ ଯାଉଟି |
ବାୟାଧନଟି, ତାଙ୍କ ଅସନ୍ତୋଷେ ସର୍ବନାଶଟି||
ବାୟାଧନଟି||୧୧||

କୁଜନ ସାଥିରେ ନହୁଅ ସାଥି,
ମନ୍ଦ ଅଭ୍ୟାସରେ ନଥାଉ ମତି |
ବାୟାଧନଟି, ସାପ ପରି ଦିନେ କାମୁଡିବଟି ||
ବାୟାଧନଟି ||୧୨||

କୁପାଞ୍ଚ ନପାଞ୍ଚ ହୃଦରେ ତୋର,

ଟେକାଏ ମାଇଲେ ଥୁଆ ପଥର |

ବାୟାଧନଟି, ଏଯୁଗ ନହେଲେ ଆର ଯୁଗଟି ||

ବାୟାଧନଟି ||୧୩||

ସାଧୁଜନ ଦେଖି କର ବେଭାର,

ମାନି ଚଲୁଥାଅ କଥା ତାଙ୍କର |

ବାୟାଧନଟି, ସୁଜନ କଥା ପଥର ଗାରଟି ||

ବାୟାଧନଟି ||୧୪||

ମୋହରାଣ ମୋତେ ସୁଖପାଅଟି,

ସସାଂରେ ଏକଥା ବଡ ମନ୍ଦଟି |

ବାୟାଧନଟି, ବାଧରେ ଭୟରେ ପ୍ରେମ ନାହିଁଟି||

ବାୟାଧନଟି ||୧୫||

ଅନ୍ଧଲୋକ ପାଲେ ନପଡିବୁଟି,
ପଡିଗଲେ ପଥ ହୁଡି ଯିବୁଟି ।
ବାୟାଧନଟି, ଭଲମନ୍ଦ ଚିହ୍ନି ନପାରିବୁଟି ।।
ବାୟାଧନଟି ।।୧୬।।

କ୍ରୋଧ ବୋଲି ଯେଉଁ ଦୁଇ ଅକ୍ଷର,
ତାପାଦେ ଆଗରୁ କର ଜୁହାର ।
ବାୟାଧନଟି, ଥୟ କରି ମନ ରଖିଥିବୁଟି ।।
ବାୟାଧନଟି ।।୧୭।।

ମନରେ ଯାହାକୁ ରଖିଥିବୁଟି,
କା ଆଗେ ପ୍ରକାଶ ନ କରିବୁଟି ।
ବାୟାଧନଟି, ଧରାପଡିଗଲେ ସରିଯିବୁଟି ।।
ବାୟାଧନଟି ।।୧୮ ।।

ବହୁତ ଲୋକଙ୍କ କଥାରେ କାନ,
ଦେବୁ ନ କହିବୁ ତୋ କଥାମାନ |
ବାୟାଧନଟି, ସବୁକୁ ବିଶ୍ୱାସ ନ କରିବୁଟି ||
ବାୟାଧନଟି ||୧୯ ||

ବଇରିରେ ପୁରିଅଛି ସସାଂର,
ଟାକି ବସିଛନ୍ତି ତାରକା ଦଳ |
ବାୟାଧନଟି, ଟାକରା ଖାଇ ତୁ ମରି ଯିବୁଟି ||
ବାୟଧନଟି ||୨୦||

ହାତେ ମାପି ଧନ ଚାଖଣ୍ଡ ଚାଲ,
ତେବେ ସସାଂରକୁ ପାଇବୁ ଭଲ |
ବାୟାଧନଟି, ନୋହିଲେ ସୁଖ ଭେଟ ନାହିଁଟି ||
ବାୟାଧନଟି ||୨୧||

ମାରୁପଛେ ଲୋକ ବିଧାଏ ତୋତେ,
ପ୍ରତିହିଂସା ଚିନ୍ତା ନକର ଚିତ୍ତେ |
ବାୟାଧନଟି, ଧରମ ସକଳ ବୁଝି ଦେବଟି |
ବାୟାଧନଟି ||୨୨||

କ୍ଷମା ଧନ ଅଟେ ଜଗତେ ସାର,
ଅନ୍ୟ ଗୁଣ ଯାକ ପାଦେ ତାହାର |
ବାୟାଧନଟି, କ୍ଷମା ରାଜ୍ୟେ ପ୍ରଭୁ ହୋଇଥିବୁଟି ||
ବାୟାଧନଟି ||୨୩||

ଆକ୍ଷର ଆଗରେ କରି ଉଜ୍ଜ୍ୱଳ,
ଦେଖି ଦିଅ ସତ୍ୟ ଦୁଇ ଅକ୍ଷର |
ବାୟାଧନଟି, ଦିନେ ତାର ଫଳ ତୁ ପାଇବୁଟି ||
ବାୟାଧନଟି ||୨୪||

ମିଥ୍ୟା ବୋଲି ଅଛି ଯେଉଁ କଥାଟି,
ଜଗତରେ ସେହି ମଥା କଟାଟି |
ବାୟାଧନଟି, ନିନ୍ଦା ଅପମାନ ତାର ହାତେଟି ||
ବାୟାଧନଟି ||୨୫||

ମହୁମାଛି ପରି ବନ୍ଧୁ ସକଳ,
ଧନବେଳେ କରୁଥିବେ ଚହଳ |
ବାୟାଧନଟି, ଧନଗଲେ ଆଡେ ନଚାହିଁବେଟି ||
ବାୟାଧନଟି ||୨୬||

ନଅ ଛଅ କରି ନକହ କଥା,
ଲାଜ ପାଇଯିବୁ ଧନ ସର୍ବଥା |
ବାୟାଧନଟି, ମହତ ବିକଡା ହୋଇ ଯିବଟି||
ବାୟାଧନଟି ||୨୭ ||

ନ କରିବୁ ବାବୁ ଭକୁଆ ଗିରି,
ହାତେ ରଖିଥିବୁ ଆପଣା ଶିରି |
ବାୟାଧନଟି, କଲେ ବଳେ ଦଗା ପାଇଯିବୁଟି ||
ବାୟାଧନଟି ||୨୮||

ଯେ ପକ୍ଷୀ ଉଡଇ ଯେତିକି ଦୂର,
ସେ ସିନା ଜାଣଇ ତାର ବେଭାର |
ବାୟାଧନଟି, ନ ଜାଣିବା କଥା ନ କହିବୁଟି ||
ବାୟାଧନଟି ||୨୯||

ଏ ସସାଂର ମାୟା ବଡ ଭୀଷଣ,
ଯୋଗୀ ଜନଙ୍କର ନାହିଁଟି ସ୍ଥାନ |
ବାୟାଧନଟି, ଖଞ୍ଜଦେଖି ଖାଲେ ପେଲି ଦେବେଟି||
ବାୟାଧନଟି ||୩୦||

ଦୁଃଖିରଙ୍କି ଦୟାରଖିଥିବୁଟି,
ବେଳ ଜାଣି ଦାନ କରୁଥିବୁଟି |
ବାୟାଧନଟି, ଇହପରେ ଲୋଡା ସେହି ଧନଟି||
ବାୟାଧନଟି ||୩୧||

ଜ୍ଞାନୀ ଜନର ତୁ ହେବୁ ଚାକର,
ଅଜ୍ଞାନୀର ପ୍ରଭୁ ପଣ ନକର |
ବାୟାଧନଟି, ଏ କଥାକୁ ମାନି ଚଲୁ ଥିବୁଟି ||
ବାୟାଧନଟି ||୩୨||

ଭୃତ୍ୟଜନେ କରୁଥିବୁ ଆଦର,
ମନ ନେବୁ କହି କଥା ସୁନ୍ଦର |
ବାୟାଧନଟି, ତୋର ଆତ୍ମା ତାର ଆତ୍ମା ଏକାଟି ||
ବାୟାଧନଟି ||୩୩||

କହି ଜାଣୁଥିଲେ କଥା ସୁନ୍ଦର,
ଟାଣେ ନକହିବୁ ଧନ ମୋହର |
ବାୟାଧନଟି, କୋମଳ କଥାରେ କ୍ଷିତୀ ବସଟି ||
ବାୟାଧନଟି ||୩୪||

ସତ୍ୟ ପାଇଁ ଭିଡି ଦିଅ ଅଣ୍ଟାଟି,
ଛାଡିଦିଅ ବାବୁ ଭାଗବଣ୍ଟାଟି |
ବାୟାଧନଟି, ନିଜେ ସବୁ କାମ କରି ଯାଅଟି ||
ବାୟାଧନଟି ||୩୫||

ହଁଅଁ ହାଁଆଁ କରି କଥାରେ ଧନ,
ନ କହ ନ ଥିଲେ ସେଥିରେ ମନ |
ବାୟାଧନଟି, ତଣ୍ଟିଫାଟି ମିଛେ ମରିଯିବଟି ||
ବାୟାଧନଟି ||୩୬||

ତୋ ପୁଅ ତୋ ଭାଇ ଦେଖ ଏ ପରା,
ଲାଗି ପ୍ରାଣପ୍ରଣେ ନକର ହେଳା |
ବାୟାଧନଟି, ସେଥିକି ଜନମ ତୋର ଭେକଟି ||
ବାୟାଧନଟି ||୩୭||

ବିବେକକୁ ଭଲକରି ପଚାରି,
ହୋଇବୁ ଜଗତେ କରମକାରୀ |
ବାୟାଧନଟି, ସସାଂରେ ସଳଖ ବାଟ ସେହିଟି ||
ବାୟାଧନଟି ||୩୮||

ନିନ୍ଦା ପାଇଗଲୁ ବୋଲିତୁ ଥରେ,
ଡରି ନ ଯିବୁଟି ଭଲ କଥାରେ |
ବାୟାଧନଟି, ସୁଖ ଆଗେ ଆପେ ଥୁଆ ଅଛିଟି ||
ବାୟାଧନଟି ||୩୯||

ବାହ୍ୟ ଚିତା କଟା ଲୋଡା ନାହିଁଟି,
ମନରେ ଭକତି ଥିଲେ ଟାଣଟି |
ବାୟାଧନଟି, ହୋଇବୁ ଜଗତେ ଭକ୍ତିପ୍ରିୟଟି ||
ବାୟାଧନଟି ||୪୦||

ସନ୍ତୋଷ ଜଗତେ ବଡ ଧନଟି,
ଅସନ୍ତୋଷେ ଦେହମନ ନାଶଟି |
ବାୟାଧନଟି, ବେଶି ହେଲା ନାହିଁ ନ ଭାବିବୁଟି ||
ବାୟାଧନଟି ||୪୧||

ତୋ ଜୀବନ ଯେବେ ଲୋଡା ନଥାନ୍ତା,
କିଆଁ କିଏ ତୋତେ ଭବେ ଛାଡନ୍ତା |
ବାୟାଧନଟି, ମନରେ ରଖିବୁ ଏହି ଭାବଟି||
ବାୟାଧନଟି ||୪୨||

ନମିଲା ବେଳେ ତୁ ବିଭୁ ପୟରେ,
ବାସନା ରଖିବୁ ନାହିଁ ଅନ୍ତରେ |
ବାୟାଧନଟି, ତୋ ଅଭାବ ସବୁ ତାଙ୍କୁ ଜଣାଟି ||
ବାୟାଧନଟି ||୪୩||

ମନେରଖ ଧନ କହିଲି ଯାହା,
ବାୟାମନେ ଭୁଲି ନ ଯିବୁ ତାହା |
ବାୟାଧନଟି, ଜଗତେ ବୋଲିବେ ସୁନାପୁଅଟି ||
ବାୟାଧନଟି ||୪୪||

*********************